# Akashvani, Sambalpur

## SAMBALPURI NEWS BULLETIN

### 4 June 2024- 6.47- 6.52 am.

**********************************************

ଭୋଟ୍ ଗନ୍ତି ଆର୍ଏନ୍ୟୁ/ ସମ୍ବଲ୍ପୁର୍

ରାଜ୍ୟର୍ ଶହେ ୪୭ ଟା ବିଧାନ୍ସଭା ଆର୍ ୨୧ ଟା ଲୋକ୍ସଭା ଆସନ୍ ଲାଗି ଆଉ କିଛି ସମିଆ ଉତ୍ରୁ ଭୋଟ୍ଗନ୍ତି ହେବା । ସଖାଲର୍ ୮ ବଜେ ପହେଲା ପୋଷ୍ଟାଲ୍ ବେଲଟ ଗଣ୍ନା ହେବାର୍ ଉତ୍ରୁ ସାଢ଼େ ୮ ବଜେ ଇଭିଏମ୍ ଭୋଟ୍ଗନ୍ନା ମୁଲ୍ କରାଯିବା । ଇଥିର୍ଲାଗି ୭୦ ଟା ଭୋଟ୍ଗନ୍ନା କେନ୍ଦ୍ର କରାଯାଇଛେ । ଇଥୁ ୬୯ ଟା କେନ୍ଦ୍ର ନ ଇଭିଏମ୍ ଆର୍ ଗୁଟେ କେନ୍ଦ୍ର ନ ପୋଷ୍ଟାଲ୍ ବାଲାଟ୍ ଭୋଟ୍ ଗନ୍ତି କରାଯିବା । ଲୋକ୍ସଭା ଆର୍ ବିଧାନ୍ସଭା ଆସନ୍ ଭୋଟ୍ଗନ୍ତି ଲାଗି ଅଲ୍ଗା ଅଲ୍ଗା ଟେବୁଲ୍ ବ୍ୟବସ୍ଥା କରାଯାଇଛେ । ଭାରତୀୟ ନିର୍ବାଚନ୍ ଆୟୋଗଙ୍କର୍ ତର୍ଫୁ ରାଏଜେ ଶହେ ୨୪ ଝନ୍ ପର୍ଯ୍ୟବେକ୍ଷକ୍ ନିଯୁକ୍ତି ହେଇଛନ୍ । ୮ ଟା ବିଧାନ୍ସଭା କ୍ଷେତ୍ର ନ ୩୦ ନୁ ଅଏତ୍କା ରାଉଣ୍ଡ୍ ଭୋଟ୍ଗନ୍ତି ହେବାର୍କେ

ଥିବାର୍ ବେଲେ ବାକିସବୁ ବିଧାନ୍‌ସଭା କ୍ଷେତ୍ର ମାନ୍‌କେ ୩୦ ରାଉଣ୍ଡ୍‌ନୁ କମ୍ ଭୋଟ୍ ଗନ୍‌ତି ହେବା ।

ଭୋଟ୍ ଗନ୍‌ତି ଲାଗି ପୁଲିସ୍ ତର୍‌ଫୁ ସବୁ ପ୍ରକାର୍ ପ୍ରସ୍ତୁତି ସରିଛେ । ଶାନ୍ତିଶୃଙ୍ଖଲା ବଜାୟ ରଖ୍‌ବାର୍ ଲାଗି ମୋଟ୍ ଶହେ ୮୮ କମ୍ପାନୀ ଫୋର୍ସ ମୁତୟନ ହେଇଛନ୍ । ଇତାର୍‌ସହେତେ ଭୋଟ୍‌ଗନ୍‌ତି କେନ୍ଦ୍ର ମାନ୍‌କେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । କେନ୍ଦ୍ର ଭିତ୍‌ରେ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳ, କେନ୍ଦ୍ର ବାହାରେ ରାଜ୍ୟ ସଶସ୍ତ୍ର ପୁଲିସ ବଳ ଆର୍ ବେରିକେଡ଼୍ ବାହାରେ ରାଜ୍ୟ ପୁଲିସ୍ ବାହିନୀ ମୁତୟନ ରହିଛନ୍ । ଭୋଟ୍‌ଗନ୍‌ତି କେନ୍ଦ୍ରମାନ୍‌କେ ମୋବାଇଲ୍ ନେବାର୍‌କେ ମନା କରାଯାଇଛେ ।

ଭୋଟ୍ ଗନ୍‌ତି- ସମ୍ବଲପୁର୍/ ବୌଦ୍ଧ/ ସୁବର୍ଣ୍ଣପୁର୍/ ନୂଆପଡ଼ା

ସମ୍ବଦାଦତା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଭୋଟ୍‌ଗନ୍‌ତି ଲାଗି ଜିଲ୍ଲାପ୍ରଶାସନ୍ ମାନ୍‌କର୍ ତର୍‌ଫୁ ସବୁପ୍ରକାର୍ ପ୍ରସ୍ତୁତି ସରିଛେ ।

ସମ୍ବଲ୍‌ପୁର୍ ବିଧାନ୍‌ସଭା ଆଉ ଲୋକ୍‌ସଭା ଲାଗି ସମ୍ବଲପୁର ମହିଳା ମହାବିଦ୍ୟାଳୟ ଆଉ କୁଚିଣ୍ଡା ବିଧାନ୍‌ସଭା ମଣ୍ଡଳୀ ଲାଗି କୁଚିଣ୍ଡା କଲେଜ୍ ନ ୧୦ ଟା ଲେଖା ଟେବୁଲ୍, ରେଙ୍ଗାଲି ବିଧାନସଭା ନିର୍ବାଚନ୍ ମଣ୍ଡଳୀ ଲାଗି ସମ୍ବଲ୍‌ପୁର୍‌ର

ଏନ୍‌ଏସ୍‌ସିବି କଲେଜ୍ ନ ଆଉ ରେଢ଼ାଖୋଲ୍ ନିର୍ବାଚନ୍ ମଣ୍ଡଲୀ ଲାଗି ଭୀମଭୋଇ କଲେଜ୍ ନ ୧୨ ଟା ଲେଖା ଟେବୁଲ୍‌ଥି ଭୋଟ୍‌ଗନ୍ତି କରାଯିବା । ଭୋଟ୍‌ଗନ୍ତି ଲାଗି ଜିଲ୍ଲା ନ ୪ ଶହ ୯୧ ଝନ୍ କର୍ମଚାରୀ ରହେବେ ବଲି ଜିଲ୍ଲାପାଲ୍ ସୂଚ୍‌ନା ଦେଇଛନ୍ ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ୧୪ ଟା ଟେବୁଲ୍, ବୌଦ୍ଧ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ନ ଭୋଟ୍ ଗନ୍ତି ଲାଗି ୧୨ ଟା ଟେବୁଲ୍‌ର ବ୍ୟବସ୍ଥା କରାଯାଇଛେ । ଲୋକ୍‌ସଭା ଲାଗି ଇ ଦୁହି ନିର୍ବାଚନ୍ ମଣ୍ଡଲୀ ଲାଗି ସମାନ୍ ସଂଖ୍ୟାର୍ ଟେବୁଲ୍‌ଥି ଗନ୍ତି କରାଯିବା ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ସୋନ୍‌ପୁର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀର୍ ଭୋଟ୍‌ଗନ୍ତି ସୋନ୍‌ପୁର୍ ମହାବିଦ୍ୟାଳୟ ନ ଆର୍ ବୀର୍‌ମହାରାଜ୍‌ପୁର୍ ମହାବିଦ୍ୟାଳୟ ଠାନେ ବୀର୍‌ମହାରାଜ୍‌ପୁର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଆର୍ ବଲାଙ୍ଗିର୍ ଲୋକ୍‌ସଭା ଆସନ୍‌ର ଭୋଟ୍‌ଗନ୍ତି ହେବା ।

ସେନ୍ତା ନୂଆପଡ଼ା ଜିଲ୍ଲା ନେସ୍‌ନାଲ୍ କଲେଜ୍ ନ ଭୋଟ୍‌ଗନ୍ତି କରାଯିବା ।

ବର୍‌ଗଡ଼୍ ଲୋକ୍‌ସଭା ସଂସଦୀୟ ଲୋକ୍‌ସଭା କ୍ଷେତ୍ର ଆର୍ ବର୍‌ଗଡ଼୍, ଭଟ୍‌ଲି ଆର୍ ଅତାବିରା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ବର୍‌ଗଡ଼୍ ପଂଚାୟତ୍ କଲେଜ୍, ପଦମ୍‌ପୁର୍ ଆର୍

ବିଜେପୁର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ପଦମ୍‌ପୁର୍ ଆର୍‌ଏମ୍‌ସି ନ ଭୋଟ୍‌ଗନ୍‌ତି ହେବା । ସଂସଦୀୟ କ୍ଷେତ୍ର ଆଉ ୫ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀର୍ ଭୋଟ୍‌ଗନ୍‌ତି ଲାଗି ୭୦ ଟା ଲେଖା ଇଭିଏମ୍ ଟେବୁଲ୍‌ର ବ୍ୟବସ୍ଥା କରାଯାଇଛେ । ୭ ଶହ ୧୮ ଝନ୍ କର୍ମଚାରୀଙ୍କୁ  ଭୋଟ୍‌ଗନ୍‌ତି କାମ୍‌ଥି ନିୟୋଜିତ୍ କରାଯାଇଛେ ।

କଲାହାଣ୍ଡି ଜିଲ୍ଲାର ଭବାନୀପାଟ୍‌ନା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନ- ଭବାନୀପାଟ୍‌ନା, ନର୍ଲା ଆଉ ଲାଞ୍ଜିଗଡ଼୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଆର୍ ଧର୍ମଗଡ଼୍ ପଂଚାୟତ୍ କଲେଜ୍ ଠାନେ ଧର୍ମଗଡ଼୍ ଆର୍ ଜୁନାଗଡ଼୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଆଉ ଲୋକ୍‌ସଭା ଆସନ୍‌ର ଭୋଟ୍‌ଗନ୍‌ତି ହେବା ।

ସେନ୍ତା ଝାର୍‌ସୁଗୁଡ଼ା ଜିଲ୍ଲା ଝାର୍‌ସୁଗୁଡ଼ା ଆର୍ ବ୍ରଜ୍‌ରାଜ୍‌ନଗର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଆର୍ ଇ ଦୁହି ନିର୍ବାଚନ୍ ମଣ୍ଡଲୀ ଭିତ୍‌ରେ ଆସୁଥିବା ବର୍‌ଗଡ଼୍ ସଂସଦୀୟ କ୍ଷେତ୍ର ଲାଗି ଇଞ୍ଜିନିୟରିଂ ସ୍କୁଲ୍ ନ ଭୋଟ୍‌ଗନ୍‌ତି ହେବା । ୬ଟା ହଲ୍‌ର ୫୬ ଟା ଟେବୁଲ୍‌ଥି ୧୯ ରାଉଣ୍ଡ୍ ଗନ୍‌ତି କରାଯିବା ।

ଇତାର୍‌ଛଡ଼ା ଦେବ୍‌ଗଡ଼୍‌ର ସର୍‌କାରୀ ପଲିଟେକ୍‌ନିକ୍ ନ ଦେବ୍‌ଗଡ଼୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଆଉ ସମ୍ବଲ୍‌ପୁର୍ ଲୋକ୍‌ସଭା ଆସନ୍‌ର ଭୋଟ୍‌ଗନ୍‌ତି ହେବା ।

ନିର୍ବାଚନ୍ ଫଲାଫଲ୍-ସ୍ୱତନ୍ତ୍ର ବୁଲେଟିନ୍    ଆର୍‌ଏନ୍‌ୟୁ/ସମ୍ବଲପୁର

ସାଧାରଣ୍ ନିର୍ବାଚନ୍ ୨୦୨୪ର ଭୋଟ୍‌ର୍ ଫଲାଫଲ୍ ଘୋଷ୍‌ନା ନେଇକରି ଆଏଜ୍ ଆଂଚଲିକ୍ ସମ୍ବାଦ୍ ବିଭାଗ୍, ସମ୍ବଲ୍‌ପୁର୍ ତର୍‌ଫୁ ୪ଟା ସ୍ୱତନ୍ତ୍ର ବୁଲେଟିନ୍ ପ୍ରସାରଣ୍ କରାଯିବା । ଇ ସ୍ୱତନ୍ତ୍ର ସମ୍ବାଦ୍ ସଖାଲର୍ ୧୦ ବାଜିକରି ୫ ମିନିଟ୍‌ନୁ ୧୦ ବାଜିକରି ୧୦ ମିନିଟ୍, ଦିନର୍ ୧୨ ବାଜିକରି ୫ ମିନିଟ୍‌ନୁ ୧୨ ବାଜିକରି ୧୦ ମିନିଟ୍‌ତକ୍, ଉପର୍‌ବେଲା ୪ ବାଜିକରି ୫ ମିନିଟ୍‌ନୁ ୪ ବାଜିକରି ୧୦ ମିନିଟ୍‌ତକ୍ ଆର୍ ୫ ବାଜିକରି ୧୫ ମିନିଟ୍‌ନୁ ୫ ବାଜିକରି ୨୦ ମିନିଟ୍‌ତକ୍ ପ୍ରସାରଣ୍ କରାଯିବା । ଇତାର୍‌ଛଡ଼ା ସବୁଦିନର୍ ବାଗିର୍ ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ୍ ସଞ୍ଜ୍‌ବେଲର୍ ୭ ବାଜିକରି ୨ ମିନିଟ୍‌ନୁ ୭ ବାଜିକରି ୧୨ ମିନିଟ୍‌ତକ୍ ଶୁନିପାର୍‌ବେ ।

ସ୍ୱାସ୍ଥ୍ୟ ବିଭାଗ୍-ନିଯୁକ୍ତି    ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟସର୍‌କାର୍‌ଙ୍କର୍ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଗୁଟେ ଛୋଟ୍ ଧରଣ୍‌ର ଅଦଲ୍‌ବଦଲ୍ କରାଯାଇଛେ । ରାଜ୍ୟ ପରିବାର୍ କଲ୍ୟାଣ୍ ନିର୍ଦ୍ଦେଶକ୍ ଭାବେ ଡାକ୍ତର୍ ସଂଯୁକ୍ତା ସାହୁଙ୍କୁ ଦାୟିତ୍ୱ ଦିଆଯାଇଛେ । ସେନ୍ତା ଡାକ୍ତର ସତ୍ୟବ୍ରତ ଛୋଟ୍‌ରାୟ ରାଜ୍ୟ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ ଆଉ ଡାକ୍ତର୍ ସନ୍ତୋଷ୍

କୁମାର୍ ସ୍ୱାଇଁଙ୍କୁ ଆଘର୍ ବାଗିର୍ ଓସାକ୍ସ ର ପ୍ରକଳ୍ପ ନିର୍ଦ୍ଦେଶକ୍ ଭାବେ ନିଯୁକ୍ତି ଦିଆଯାଇଛେ । ଇ ବାବ୍‌ଦେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ବାହାରିଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗଲାକାଏଲ୍ ଆନ୍ଧ୍ରପ୍ରଦେଶ୍ ଉପକୂଳ ପୁହୁଁଚିଛେ । ଆଏବା ୫ ଦିନ୍ ଭିତ୍‌ରେ ଇଟା ଓଡ଼ିଶା ପୁହୁଁଚିବାର୍‌କେ ପାଗ ଅନୁକୂଳ ରହିଛେ । ଇଥର ମୌସୁମୀ ବାୟୁ ୮ ତାରିଖ୍ ଭିତ୍‌ରେ ଓଡ଼ିଶାକେ ପୁହୁଁଚିପାରେ ବଲି ପାଣିପାଗ୍ ବିଭାଗ୍ ପୂର୍ବାନୁମାନ୍ କରିଛେ । ହେଲେ ଆଏବା ୬ ତାରିଖ୍ ଭିତ୍‌ରେ ରାଏଜେ ବର୍ଷା ହେବା । ହେଲେ ଆଗ୍‌କେ ପଶ୍ଚିମଓଡ଼ିଶା ନ ତାତି ଆଘୋନୁ ଟିକେ କମ୍‌ବା ଆଉ ଗ୍ରୀଷ୍ମପ୍ରବାହ ଥିତି ନାଇଁ ରହେ । ହେଲେ ଭିଲ୍ ବଡ଼ଭାଗୀ ଜାଗା ନ ତାତି ୪୦ ନୁ ୪୨ ଡିଗ୍ରୀ ରହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ନିର୍ଦ୍ଦେଶକ୍ ଡକ୍ଟର୍ ମନୋରମା ମହାନ୍ତି କହିଛନ୍ ।